# NATIONAL NEWS BULLETIN (ODIA)
## 20 July - 2025
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଆସନ୍ତାକାଲି ଠାରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ ।

– ଗୃହ କାର୍ଯ୍ୟ ସୁପରିଚାଳନା ନିମନ୍ତେ ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଲା ସର୍ବଦଳୀୟ ବୈଠକ ।

- ବ୍ରିଟେନ୍ ଓ ମାଳଦୀପକୁ ଆସନ୍ତା ୨୩ ତାରିଖରୁ ୪ ଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ରୁଷ ସହ ଶାନ୍ତି କଥାବାର୍ତ୍ତା ପାଇଁ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ପ୍ରସ୍ତାବ ।

ଏବଂ

- ବାରାଣାସି ଠାରେ ଚାଲିଥିବା ବିକଶିତ ଭାରତ ଗଠନ ନିମନ୍ତେ ନିଶାମୁକ୍ତ ଯୁବ ସମାଜ ଯୁବ ଆଧ୍ୟାତ୍ମିକ ସମ୍ମିଳନୀ ଉଦ୍ଯାପିତ ।

# ମନ୍‌ସୁନ୍ ସେସନ୍

ସଂସଦର ମୌସୁମୀ ଅଧିବେଶନର ଅବ୍ୟବହିତ ପୂର୍ବରୁ ଉଭୟ ଗୃହର କାର୍ଯ୍ୟ ସୁରୁଖୁରୁରେ ପରିଚାଳନା ନିମନ୍ତେ ସରକାରଙ୍କ ପକ୍ଷରୁ ଆଜି ସର୍ବଦଳୀୟ ବୈଠକ ଆହ୍ୱାନ କରାଯାଇଥିଲା । ବୈଠକରେ ସରକାରଙ୍କ ପକ୍ଷରୁ ଗୃହ କାର୍ଯ୍ୟ ସୂଚାରୁରୂପେ ସମ୍ପାଦନା ନିମନ୍ତେ ବିରୋଧୀ ଦଳ ନେତାମାନଙ୍କଠାରୁ ସହଯୋଗ ଲୋଡ଼ା ଯାଇଥିଲା । ବୈଠକରେ ଲୋକସଭା ଓ ରାଜ୍ୟସଭାର ବିଭିନ୍ନ ରାଜନୈତିକ ଦଳର ସଂସଦ ସଦସ୍ୟମାନେ ଯୋଗଦେଇଥିଲେ । କେନ୍ଦ୍ର ମନ୍ତ୍ରୀ ଜଗତପ୍ରକାଶ ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ସଂସଦୀୟ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଡକ୍ଟର ଏଲ୍. ମୁରୁଗାନ ଯୋଗଦେଇଥିବା ବେଳେ କଂଗ୍ରେସରୁ ଗୌରବ ଗୋଗୋଇ ଏବଂ ପ୍ରମୋଦ ତିୱାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏନ୍.ସି.ପି.-ଏସ୍.ସି.ପି.ରୁ ସୁପ୍ରିୟା ସୁଲେ, ଡି.ଏମ୍.କେ.ରୁ ତିରୁଚି ଶିବା, ସମାଜବାଦୀ ପାର୍ଟିରୁ ରାମଗୋପାଲ ଯାଦବ, ଡି.ଏମ୍.କେ.ରୁ ଟି.ଆର୍. ବାଲୁ, ଆପ୍‌ରୁ ସଂଜୟ ସିଂହ ପ୍ରମୁଖ ବୈଠକରେ ଯୋଗଦେଇଥିଲେ ।

ମୌସୁମୀ ଅଧିବେଶନ ଆସନ୍ତାକାଲି ଠାରୁ ଆରମ୍ଭ ହୋଇ ଅଗଷ୍ଟ ମାସ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଅଧିବେଶନ କାଳରେ ଉଭୟ ଗୃହରେ ମୋଟ୍ ୨୧ଟି କାର୍ଯ୍ୟଦିବସ ରହିଛି ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଆଜିର ବୈଠକ ଗଠନମୂଳକ ଥିଲା । ନେତାମାନେ ଅଧିବେଶନ କାଳରେ ସେମାନଙ୍କ ଦଳ ତରଫରୁ ଉତ୍ଥାପନ କରିବାକୁ ଥିବା ପ୍ରସଙ୍ଗ ସମ୍ପର୍କରେ କହିଥିଲେ । ଶ୍ରୀ ରିଜିଜୁ କହିଛନ୍ତି, ସରକାରଙ୍କ ପକ୍ଷରୁ ବିରୋଧୀ ଦଳକୁ ଗୃହର କାର୍ଯ୍ୟ ସୁପରିଚାଳନା ନିମନ୍ତେ ଅନୁରୋଧ କରାଯାଇଥିଲା । ସେ କହିଛନ୍ତି, ଉଭୟ ଶାସକ ଏବଂ ବିରୋଧୀ ଦଳ ଉତ୍ତମ ସମନ୍ୱୟ ରକ୍ଷା କରି ଗୃହ କାର୍ଯ୍ୟ କରିବା ଉଚିତ୍ ।

## V/O-1-KIREN-RIJIJU

ଶ୍ରୀ ରିଜିଜୁ କହିଛନ୍ତି, ସରକାର ସଂସଦରେ ଅପରେସନ୍ ସିନ୍ଦୂର ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଅପରେସନ ସିନ୍ଦୂର ଓ ଏହାର ପରବର୍ତ୍ତୀ ପରିସ୍ଥିତିରେ ଭାରତ ଓ ପାକିସ୍ତାନ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଇଥିବା ମନ୍ତବ୍ୟ ସମ୍ପର୍କରେ ବିରୋଧୀ ଦଳର ପ୍ରଶ୍ନର ସଠିକ୍ ଉତ୍ତର ଦିଆଯିବା ସହ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

ଅଧିବେଶନ କାଳରେ ଜନ ବିଶ୍ୱାସ ସଂଶୋଧିତ ବିଲ୍ ୨୦୨୫, ଜାତୀୟ କ୍ରୀଡ଼ା ପରିଚାଳନା ବିଲ୍ ୨୦୨୫ ଏବଂ ବାଣିଜ୍ୟିକ ପରିବହନ ବିଲ୍ ୨୦୨୪ ସମ୍ପର୍କିତ ବିଧେୟକ ଆଗତ ହେବାର ସମ୍ଭାବନା ରହିଛି ।

# ପିଏମ୍-ୟୁକେ ମାଲଦୀପ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିଟେନ୍ ଏବଂ ମାଲଦୀପକୁ ଆସନ୍ତା ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଦୁଇ ରାଷ୍ଟ୍ରୀୟ ଗସ୍ତରେ ଯିବେ । ପ୍ରଥମ ପର୍ଯ୍ୟାୟରେ ଶ୍ରୀ ମୋଦୀ ବ୍ରିଟେନ୍ ଯିବେ । ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର୍ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତ କରୁଛନ୍ତି । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ବ୍ରିଟେନ୍ ପ୍ରତିପକ୍ଷଙ୍କ ସହ ଭାରତ-ବ୍ରିଟେନ୍ ଦ୍ୱିପାକ୍ଷିକ ସମ୍ପର୍କକୁ ବ୍ୟାପକ କରିବା ନେଇ ଆଲୋଚନା କରିବାର ସମ୍ଭାବନା ରହିଛି । ଉଭୟ ନେତା ଆଞ୍ଚଳିକ ଏବଂ ବିଶ୍ୱ ସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ସେମାନଙ୍କର ମତ ବିନିମୟ କରିବେ । ଶ୍ରୀ ମୋଦୀ କିଙ୍ଗ ଚାର୍ଲସ୍ ତୃତୀୟଙ୍କ ସହ ମଧ୍ୟ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି । ଉଭୟ ନେତା ବାଣିଜ୍ୟ, ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା, ନବସୃଜନ, ପ୍ରତିରକ୍ଷା, ନିରାପତ୍ତା, ପରିବେଶ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜନସମ୍ପର୍କ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବ୍ୟାପକ ରଣନୈତିକ ଭାଗିଦାରିତାର ଉନ୍ନତି ଦିଗରେ ଆଲୋଚନା କରିବେ । ଏହା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ରିଟେନ୍କୁ ଚତୁର୍ଥ ଗସ୍ତ ।

ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ୨୫ ତାରିଖରୁ ଦୁଇ ଦିନିଆ ମାଲଦୀପ୍କୁ ଗସ୍ତ କରିବେ । ମାଲଦୀପ୍ ରାଷ୍ଟ୍ରପତି ଡକ୍ଟର ମହମ୍ମଦ

ମୁଇଜୁଙ୍କ ନିମନ୍ତ୍ରଣ କ୍ରମେ ସେ ଏହି ଗସ୍ତ କରୁଛନ୍ତି । ମାଳଦୀପର ୬୦ତମ ସ୍ୱାଧୀନତା ଦିବସ ଉତ୍ସବରେ ଶ୍ରୀ ମୋଦୀ ସମ୍ମାନିତ ଅତିଥି ଭାବେ ଯୋଗଦେବେ । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ମାଳଦୀପର ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଭାରତ-ମାଳଦୀପ ମିଳିତ ଭିଜନ 'ବ୍ୟାପକ ଅର୍ଥନୀତି ଏବଂ ସାମୁଦ୍ରିକ ସୁରକ୍ଷା ଭାଗିଦାରିତା' କାର୍ଯ୍ୟକାରିତାର ବିକାଶ ଉପରେ ଉଭୟ ନେତା ଅନୁଧ୍ୟାନ କରିବେ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ନିବିଡ଼ ଏବଂ ସଦୃଢ଼ କରିବା ଦିଗରେ ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଇଛି । ଏହା ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ମାଳଦୀପକୁ ତୃତୀୟ ଗସ୍ତ ।

## ହୋମ୍ ମିନିଷ୍ଟର-ହିମାଚଳ

ହିମାଚଳ ପ୍ରଦେଶରେ ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ହେଉଥିବା ପରିପ୍ରେକ୍ଷୀରେ ସେଠାରେ ବହୁ କ୍ଷେତ୍ରୀୟ କେନ୍ଦ୍ରୀୟ ଦଳ ଗଠନ ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିର୍ଦ୍ଦେଶ ଦେଇଛନ୍ତି । ଏହି କେନ୍ଦ୍ରୀୟ ଦଳରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, କେନ୍ଦ୍ରୀୟ ଗବେଷଣା ସଂସ୍ଥାନ ରୁର୍କି, ଭାରତୀୟ ପାଣିପାଗ ସଂସ୍ଥାନ ପୁନେ, ଭାରତୀୟ ପ୍ରଯୁକ୍ତି ବିଦ୍ୟା ସଂସ୍ଥାନ ଇନ୍ଦୋର ଆଦି ସଂସ୍ଥାନ ଗୁଡ଼ିକର ବିଶେଷଜ୍ଞମାନେ ରହିବେ ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ୨୦୨୫ କାରଣରୁ ହିମାଚଳ ପ୍ରଦେଶରେ ବିଭିନ୍ନ ସ୍ଥାନରେ ବନ୍ୟା, ଭୂସ୍ଖଳନ ଆଦି ଦେଖାଦେଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ଆକଳନ ନିମନ୍ତେ ସେଠାକୁ ମନ୍ତ୍ରୀସ୍ତରୀୟ କେନ୍ଦ୍ରୀୟ ଦଳ ପଠାଯିବା ସହ ପରିସ୍ଥିତି ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି । ହିମାଚଳ ପ୍ରଦେଶର ଯେକୌଣସି ବିପର୍ଯ୍ୟୟ ସମୟରେ କେନ୍ଦ୍ର ସରକାର ତାଙ୍କ ସହିତ ଦୃଢ଼ ଭାବେ ରହିଛନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇ ୨୦୨୩ ମସିହାରେ ହିମାଚଳ ପ୍ରଦେଶରେ ହୋଇଥିବା ବନ୍ୟା, ଭୂସ୍ଖଳନ ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତି ଭରଣା ଏବଂ ପୁନନିର୍ମାଣ କାର୍ଯ୍ୟ ପାଇଁ ୨ହଜାର କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଚଳିତ ମାସରେ କମିଟି ପକ୍ଷରୁ ପ୍ରଥମ କିସ୍ତି ବାବଦରେ ୪୫୧ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏନ୍.ଡି.ଆର୍.ଏଫ୍.ର ୧୩ଟି ଦଳକୁ ରାଜ୍ୟରେ ଉଦ୍ଧାର ଏବଂ ରିଲିଫ୍ ଅପରେସନ୍ ନିମନ୍ତେ ମୁତୟନ କରାଯାଇଛି ।

# ୟୁକ୍ରେନ୍-ରୁଷ ଟକ୍

ରୁଷ ସହ ନୂତନ ଶାନ୍ତି କଥାବାର୍ତ୍ତା ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍ଦିମିର୍ ଜେଲେନ୍ସ୍କି ପ୍ରସ୍ତାବ ଦେଇଛନ୍ତି । ରୁଷ ଓ ୟୁକ୍ରେନ୍ ମଧ୍ୟରେ ଲାଗିରହିଥିବା ଯୁଦ୍ଧର ଘନଘଟାକୁ ଏହା ହ୍ରାସ କରିବା ଲାଗି ଆଶା କରାଯାଉଛି । ୟୁକ୍ରେନ୍ ପକ୍ଷରୁ ଜାତୀୟ ସୁରକ୍ଷା ପରାମର୍ଶଦାତା ରୁସ୍ତମ ଉମେରୋଭ ମସ୍କୋକୁ ଏହି ପ୍ରସ୍ତାବ ଦେଇଛନ୍ତି । ରୁଷ ପକ୍ଷରୁ ଗତକାଲି ଆକ୍ରମଣକୁ ଜୋର୍ଦାର କରାଯାଇଥିବା ବେଳେ ୟୁକ୍ରେନ୍ ପକ୍ଷରୁ ଏବେ ପୁଣିଥରେ ଶାନ୍ତି କଥାବାର୍ତ୍ତା ପାଇଁ ପ୍ରସ୍ତାବ ଦିଆଯାଇଛି । ଗତକାଲି ରୁଷ ୟୁକ୍ରେନ୍ର ବିଭିନ୍ନ ଯୁଦ୍ଧାସ୍ତ୍ର ନିର୍ମାଣ କାରଖାନା ଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ସାହାଯ୍ୟରେ ଜୋର୍ଦାର୍ ଆକ୍ରମଣ କରିଥିଲା ।

ସୂଚନା ଯୋଗ୍ୟ ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ୫୦ ଦିନିଆ ଯୁଦ୍ଧବିରତି ପ୍ରସ୍ତାବ ଦେଇଥିବା ବେଳେ ରୁଷ ଏହାକୁ ଅମାନ୍ୟ କରିଥିଲା । ଏଥିଯୋଗୁଁ ଆମେରିକା ତରଫରୁ ରୁଷ ବିରୁଦ୍ଧରେ ଉଚ୍ଚମାନର ଶୁଳ୍କ ଲାଗୁ ପାଇଁ ଟ୍ରମ୍ପ୍ ପ୍ରଶାସନ ଧମକ ଦେଇଥିଲା । ଇତିମଧ୍ୟରେ ରୁଷ ତରଫରୁ ଉପବୈଦେଶିକ ମନ୍ତ୍ରୀ ସେର୍ଗେଇ ରିଭ୍କୋଭ୍ ମଧ୍ୟ ଶାନ୍ତି କଥାବାର୍ତ୍ତା ପାଇଁ ପ୍ରସ୍ତାବ ରଖିଛନ୍ତି ଏବଂ ଉଭୟ ଦେଶ ତରଫରୁ କୂଟନୈତିକ ସ୍ତରରେ ସମାଧାନ ପାଇଁ ଆଶା ସଞ୍ଚାର ହୋଇଛି ।

# ୟୁପି-ୟୁଥ୍

ବାରାଣାସି ଠାରେ 'ବିକଶିତ ଭାରତ ଗଠନ ନିମନ୍ତେ ନିଶାମୁକ୍ତ ୟୁବ ସମାଜ' ଶୀର୍ଷକ ନେଇ ଚାଲିଥିବା ତିନି ଦିନିଆ ୟୁବ ଆଧ୍ୟାତ୍ମିକ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଛି । ଏହି ଅବସରରେ କେନ୍ଦ୍ର ୟୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି, ବିକଶିତ ଭାରତ ଗଠନ ଲକ୍ଷ୍ୟ ହାସଲ ନିମନ୍ତେ ୟୁବ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ କାଶୀ ସଂକଳ୍ପପତ୍ର ମାଧ୍ୟମରେ ନିଶାମୁକ୍ତ ୟୁବ ସମାଜ ଗଠନ ନିମନ୍ତେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି । ସମ୍ମିଳନୀର ଶେଷ ଦିବସରେ ହିମାଚଳ ପ୍ରଦେଶ ରାଜ୍ୟପାଳ ଶିବପ୍ରତାପ ଶୁକ୍ଳା ଉଦ୍‌ବୋଧନ ଦେଇ କହିଛନ୍ତି, ଏହି ତିନି ଦିନିଆ ସମ୍ମିଳନୀରେ ନିଶା ସେବନ ବିରୁଦ୍ଧରେ ଜାତୀୟ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ବିଜ ରୋପଣ କରାଯାଇଛି ।

ସେହିପରି ୟୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ର ମନ୍ତ୍ରୀ ରକ୍ଷା ନୀତି ଖାଡ୍‌ସେ ଏବଂ ଅନ୍ୟାନ୍ୟ ମନ୍ତ୍ରୀମାନେ କାର୍ଯ୍ୟକ୍ରମ ଯୋଗଦେଇ ନିଶାମୁକ୍ତ ୟୁବ ସମାଜ ଗଠନ ପାଇଁ ପ୍ରୟାସ କରିବାକୁ କହିଥିଲେ । ସମ୍ମିଳନୀରେ ୧୨୦ରୁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ସଂଗଠନର ୬୦୦ ୟୁବ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

# ଇଣ୍ଟରନ୍ୟାସନାଲ ଚେସ୍ ଡେ

ଆନ୍ତର୍ଜାତିକ ଚେସ୍ ଦିବସ ଆଜି ସାରା ବିଶ୍ୱରେ ପାଳନ କରାଯାଉଛି । ପ୍ରତିବର୍ଷ ଜୁଲାଇ ମାସ ୨୦ ତାରିଖ ଆଜିର ଦିନରେ ବିଶ୍ୱ ଚେସ୍ ସମୁଦାୟ ତରଫରୁ ୧୯୨୪ ମସିହାରେ ପ୍ରତିଷ୍ଠା କରାଯାଇଥିବା ଫାଇଡ୍‌ର ସ୍ମରଣ ଉଦ୍ଦେଶ୍ୟରେ ଏହି ଦିବସକୁ ପାଳନ କରାଯାଇଥାଏ । ଚଳିତବର୍ଷ ଏହି ଉପଲକ୍ଷେ ଇୟର ଅଫ୍ ସୋସିଆଲ ଚେସ୍‌କୁ ପ୍ରଚଳ୍ପ କରାଯାଇ ଏହା ଶିକ୍ଷା, ସଶକ୍ତି ଏବଂ ମାନସିକ ଉନ୍ନତିରେ ସହାୟକ ହେବା କୁହାଯାଇଛି । ଚଳିତବର୍ଷର ଆନ୍ତର୍ଜାତିକ ଚେସ୍ ଦିବସ ୨୦୨୫ର ବାର୍ତ୍ତା ରହିଛି "ପ୍ରତେକ ପଦକ୍ଷେପ ଗଣନଯୋଗ୍ୟ" । ଏହି ବାର୍ତ୍ତା ଚେସ୍ ବୋର୍ଡ ସହ ବ୍ୟକ୍ତିଗତ ଜୀବନ କ୍ଷେତ୍ରରେ ଏକ ଭିନ୍ନ ଆକାର ଧାରଣ କରେ । ବିଶ୍ୱନାଥନ ଆନନ୍ଦନଙ୍କ ଠାରୁ ଆରମ୍ଭ କରି ନୂତନ ପୀଢ଼ିର ବର୍ତ୍ତମାନର ଖେଳାଳିଙ୍କ ପର୍ଯ୍ୟନ୍ତ ଚେସ୍ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଏବଂ ଗୌରବ ଆଣିବାରେ ସହାୟକ ହୋଇପାରିଛି ।